মেসর্স শিল্পা সেয়ার এবং সিক্যুরিটিজ্ এবং অন্যমানে

বনাম

জাতীয় সমবায় ব্যাঙ্ক লিমিটেড এবং অন্যমানে

মই 2, 2007

[এস্. বি. সিন্হা এবং মার্কণ্ডেয় কাটজু, ন্যায়মূর্ত্তিদ্বয়]

*মহারাষ্ট্র সমবায় সমিতি অধিনিয়ম, 1960/মহারাষ্ট্র সমবায় সমিতি নিয়মাবলী, 1961; নিয়ম 107:*

*ঋণ – ঋণগ্রহীতাঙ্ক দ্বারা পরিশোধ করিবারে বিফলতা – ঋণগ্রহীতাঙ্ক সম্পত্তির নিলাম বিক্রয় দ্বারা অসুলি – ক্রেতাঙ্ক দ্বারা ক্রয় অর্থর 85% প্রদান করাযাইনাহিঁ – এহার প্রভাব – দর্শাযাইছি :বিক্রয় বৈধ নথিলা – এহি পরিস্থিতিরে, উপযুক্ত বিজ্ঞাপন পরে এবং নিয়মাবলীর নিয়ম 107 অধীনরে প্রক্রিয়া অনুপালন করিবা পরে সম্পত্তির পুণি নিলাম বিক্রি করিবাকু ব্যাঙ্কঙ্কু নির্দ্দেশ দিআযাইছি – দ্রব্য বিক্রয় অধিনিয়ম, 1930 – বিক্রয় ।*

**অপিলকারী উত্তরদাতা সংখ্যা 1, এক সমবায় ব্যাঙ্কঠারু এক ঋণ নেইথিলে । যেহেতু অপিলকারী ঋণ পরিশোধ করিবারে বিফল হোইথিলে, তেণু মহারাষ্ট্র সমবায় সমিতি নিয়মাবলী, 1961 অধীনরে ব্যাঙ্ক দ্বারা তাঙ্ক বিরোধরে অসুলি কার্য্যবিধি আরম্ভ করাযাইথিলা । এহি অধিনিয়ম অনুযায়ী প্রস্তুত হোইথিবা নিয়মাবলীর নিয়ম 107 অনুযায়ী অসুলিকু অনুসরণ করি, অপিলকারীঙ্ক সম্পত্তি বিক্রয় পাইঁ এক নিলাম অনুষ্ঠিত হোইথিলা । নিয়মাবলীর নিয়ম 107 (11) (g) অধীনরে, স্থাবর সম্পত্তির মূল্যর 15% ক্রয় সময়রে নিলামী ক্রেতাঙ্ক দ্বারা জমা করিবাকু পড়িব এবং ক্রয় অর্থর অবশিষ্ট 85% বিক্রয় তারিখ ঠারু 15 দিন মধ্যরে দেবাকু পড়িব । এহা স্বীকার্য্য যে, বর্ত্তমানর মামলারে, ক্রয় অর্থর উপরোক্ত 85%, যাহা এপরি বিক্রয় তারিখ ঠারু 15 দিন মধ্যরে প্রদান করাযিবার আবশ্যকতা থিলা, তাহা প্রদান করাযাইনথিলা কিম্বা তা' পরে মধ্য প্রদান করাযাইনথিলা । ব্যথিত হোই, অপিলকারী বিক্রয়কু বৈধ নুহেঁ বোলি আপত্তি করিথিলে । এহি আবেদন উচ্চ ন্যায়ালয়ঙ্ক দ্বারা খারজ হোইথিলা । তেণু বর্ত্তমানর অপিল ।**

**ଅପିଲକୁ ଅନୁମତି ଦେଇ, ନ୍ୟାୟାଳୟ**

**ଦର୍ଶାଇଥିଲେ : 1.1.** ***ବଳରାମ ବନାମ ଇଲାମ ସିଂ ଏବଂ ଅନ୍ୟମାନଙ୍କ*** **ନିଷ୍ପତ୍ତି ହୋଇଥିବା ମାମଲାରେ, ଏହି ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ସମୟ ମଧ୍ୟରେ ସମ୍ପୂର୍ଣ୍ଣ କ୍ରୟ ଟଙ୍କା ଜମା କରିବାକୁ କ୍ରେତାଙ୍କ ଦାୟିତ୍ୱ ଏକ ବାଧ୍ୟତାମୂଳକ ଆବଶ୍ୟକତା ଅଟେ ଏବଂ ନିୟମ ପାଳନ ନକରିବା ବିକ୍ରୟକୁ କେବଳ ଅନିୟମିତତା ନୁହେଁ ବରଂ ଅସିଦ୍ଧ କରିଥାଏ । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଅପିଲକାରୀଙ୍କ ସମ୍ପତ୍ତିର ନିଲାମ ବିକ୍ରୟ ଅସିଦ୍ଧ ଥିଲା, ଏବଂ କୌଣସି ବୈଧ ନିଲାମ ବିକ୍ରୟ ନଥିଲା । [ଅନୁଚ୍ଛେଦ 6 ଏବଂ 7]**

*ମଣିଲାଲ ମୋହନଲାଲ ଶାହା ଏବଂ ଅନ୍ୟମାନେ ବନାମ ସର୍ଦ୍ଦାର ସୟଦ ଅହମ୍ମଦ ସୟଦ ମହମ୍ମଦ ଏବଂ ଅନ୍ୟଜଣେ,* AIR (1954) SC 349 ଏବଂ *ବଳରାମ ବନାମ ଇଲାମ ସିଂ ଏବଂ ଅନ୍ୟମାନେ,* [1996] 5 SCC 705 ଉପରେ ନିର୍ଭର କରିଥିଲେ ।

**1.2. ଏହା ନିର୍ଦ୍ଦେଶ ଦିଆଯାଇଛି ଯେ, ଉକ୍ତ ସମ୍ପତ୍ତି ନିଲାମ ବିକ୍ରିର ତାରିଖ, ସମୟ ଏବଂ ସ୍ଥାନ ଉଲ୍ଲେଖ କରି ବ୍ୟାପକ ପ୍ରସାର ଥିବା ଅତି କମରେ ଦୁଇଟି ଜଣାଶୁଣା ଖବରକାଗଜରେ ବିଜ୍ଞାପନ ଦେବା ପରେ ଏବଂ ମହାରାଷ୍ଟ୍ର ସମବାୟ ନିୟମାବଳୀର ନିୟମ 107 ଅନୁଯାୟୀ ପ୍ରକ୍ରିୟା ଅନୁପାଳନ କରିବା ପରେ ଏହାକୁ ପୁଣି ନିଲାମ ବିକ୍ରି କରାଯିବ । [ଅନୁଚ୍ଛେଦ 9]**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 6760-6761/2004 ।

ରିଟ୍ ଆବେଦନ ସଂଖ୍ୟା 105/2003 ଏବଂ ସମୀକ୍ଷା ଆବେଦନ ସଂଖ୍ୟା 31/2003 ରେ ଯଥାକ୍ରମେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 16.01.2003 ଏବଂ 07.03.2003 ତାରିଖର ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଡଃ. ରାଜୀବ ବି. ମାସୋଦକର ଏବଂ ଅନିଲ କୁମାର ଝା ।

ଉତ୍ତରଦାତାମାନଙ୍କ ପାଇଁ ଇ. ସି. ଅଗ୍ରୱାଲା, ମହେଶ ଅଗ୍ରୱାଲ, ଗୌରବ ଗୋୟଲ, ଅମିତ କୁମାର ଶର୍ମା, ନେହା ଅଗ୍ରୱାଲ, ବରୁଣ ମାଥୁର ଏବଂ ମୃଦୁଲା ରାଏ ଭାରଦ୍ୱାଜ ।

ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

**ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତି** 1. ରିଟ୍ ଆବେଦନ ସଂଖ୍ୟା 105/2003ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 16.1.2003 ତାରିଖର ଆକ୍ଷେପିତ ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ଅପିଲଗୁଡ଼ିକ ଦାଖଲ କରାଯାଇଛି ।

2. ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲି ଏବଂ ନଥିକୁ ଅନୁଧ୍ୟାନ କରିଲି ।

3. ଅପିଲକାରୀ ଉତ୍ତରଦାତା ସଂଖ୍ୟା 1 ଠାରୁ ଋଣ ନେଇଥିଲେ, ଯାହା ମହାରାଷ୍ଟ୍ର ସମବାୟ ସମିତି ଅଧିନିୟମ, 1960 (ଏହା ପରେ 'ଅଧିନିୟମ' ଭାବରେ ସୂଚିତ) ଅଧୀନରେ ପଞ୍ଜୀକୃତ ଏକ ସମବାୟ ବ୍ୟାଙ୍କ ଅଟେ । ଯେହେତୁ ଅପିଲକାରୀ ଋଣ ପରିଶୋଧ କରିବାରେ ବିଫଳ ହୋଇଥିଲେ, ମହାରାଷ୍ଟ୍ର ସମବାୟ ସମିତି ନିୟମାବଳୀ, 1961 (ଏହା ପରେ 'ନିୟମାବଳୀ' ଭାବରେ ସୂଚିତ) ଅଧୀନରେ ଅସୁଲି କାର୍ଯ୍ୟବିଧି ଗ୍ରହଣ କରାଯାଇଥିଲା ।

4. ଅସୁଲିକୁ ଅନୁସରଣ କରି, ଅପିଲକାରୀଙ୍କ ସମ୍ପତ୍ତି ଜବତ ଏବଂ ବିକ୍ରୟ ପାଇଁ ଅଧିନିୟମ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ନିୟମାବଳୀର ନିୟମ 107 ରେ ନିର୍ଦ୍ଧାରିତ ପ୍ରକ୍ରିୟା ଗ୍ରହଣ କରାଯାଇଥିଲା । ଅପିଲକାରୀଙ୍କ ସମ୍ପତ୍ତି ବିକ୍ରି ପାଇଁ ଏକ ନିଲାମ ଅନୁଷ୍ଠିତ ହୋଇଥିଲା । ନିୟମାବଳୀର ନିୟମ 107 (11) (ଗ) ଅଧୀନରେ, ସ୍ଥାବର ସମ୍ପତ୍ତିର ମୂଲ୍ୟର 15 ପ୍ରତିଶତ କ୍ରୟ ସମୟରେ ନିଲାମୀ କ୍ରେତାଙ୍କ ଦ୍ୱାରା ଜମା କରିବାକୁ ପଡ଼ିବ ଏବଂ କ୍ରୟ ଅର୍ଥର ଅବଶିଷ୍ଟ 85% ଏପରି ବିକ୍ରୟ ତାରିଖ ଠାରୁ 15 ଦିନ ମଧ୍ୟରେ ଦେବାକୁ ପଡ଼ିବ । ସ୍ୱୀକାରଯୋଗ୍ୟ, ବର୍ତ୍ତମାନର ମାମଲାରେ, କ୍ରୟ ଅର୍ଥର ଉପରୋକ୍ତ 85% ବିକ୍ରୟ ତାରିଖ ଠାରୁ 15 ଦିନ ମଧ୍ୟରେ କିମ୍ବା ତା' ପରେ ମଧ୍ୟ ପ୍ରଦାନ କରାଯାଇ ନଥିଲା ।

5. ମଣିଲାଲ *ମୋହନଲାଲ ଶାହ ଏବଂ ଅନ୍ୟମାନେ ବନାମ ସର୍ଦ୍ଦାର ସୟଦ ଅହମ୍ମଦ ସୟଦ ମହମ୍ମଦ ଏବଂ ଅନ୍ୟ* ଜଣେ, AIR (1954) SC 349ରେ ଏହା ଦର୍ଶାଯାଇଛି ଯେ, ଯଦି 15 ଦିନ ମଧ୍ୟରେ ବଳକା କ୍ରୟ ଅର୍ଥ ପ୍ରଦାନ କରାଯାଇନଥାଏ, ତେବେ ଏଭଳି ପରିସ୍ଥିତିରେ କୌଣସି ବିକ୍ରି ହେବ ନାହିଁ । ଏହା କେବଳ ଏକ ଅନିୟମିତତା ନୁହେଁ । ଉକ୍ତ ପରିମାଣ ପ୍ରଦାନ ନକରିବା ବିକ୍ରୟ କାର୍ଯ୍ୟବିଧିକୁ ସମ୍ପୂର୍ଣ୍ଣ ଅସିଦ୍ଧ କରିଦେଇଥାଏ ।

6. ବଳରାମ *ବନାମ ଇଲାମ ସିଂ ଏବଂ ଅନ୍ୟମାନେ,* [1996] 5 SCC 705 ରେ ଏହା ଦର୍ଶାଯାଇଛି ଯେ, ସମୟ ମଧ୍ୟରେ ସମ୍ପୂର୍ଣ୍ଣ କ୍ରୟ ଅର୍ଥ ଜମା କରିବାର କ୍ରେତାଙ୍କ ଦାୟିତ୍ୱ ଏକ ବାଧ୍ୟତାମୂଳକ ଆବଶ୍ୟକତା ଅଟେ ଏବଂ ନିୟମ ଅନୁପାଳନ ନକରିବା ବିକ୍ରୟକୁ ଅସିଦ୍ଧ କରିଥାଏ ଏବଂ ଏହା କେବଳ ଏକ ଅନିୟମିତତା ନୁହେଁ ।

7. ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଆମର ମତ ହେଉଛି ଯେ, ଅପିଲକାରୀଙ୍କ ସମ୍ପତ୍ତିର ନିଲାମ ବିକ୍ରୟ ଅସିଦ୍ଧ ଥିଲା, ଏବଂ କୌଣସି ବୈଧ ନିଲାମ ବିକ୍ରୟ ନଥିଲା ।

8. ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି । ଆକ୍ଷେପିତ ରାୟକୁ ରଦ୍ଦ କରାଯାଇଛି ଏବଂ ଏହା ଦର୍ଶାଯାଇଛି ଯେ, ଅପିଲକାରୀଙ୍କ ସମ୍ପତ୍ତିର କୌଣସି ବୈଧ ବିକ୍ରୟ ହୋଇନାହିଁ ।

9. ତେଣୁ, ଆମେ ନିର୍ଦ୍ଦେଶ ଦେଉଛୁ ଯେ, ନିଲାମ ବିକ୍ରିର ତାରିଖ, ସମୟ ଏବଂ ସ୍ଥାନ ଉଲ୍ଲେଖ କରି ବ୍ୟାପକ ପ୍ରସାର ଥିବା ଅତି କମରେ ଦୁଇଟି ଜଣାଶୁଣା ଖବରକାଗଜରେ ବିଜ୍ଞାପନ ଦେବା ପରେ ଏବଂ ନିୟମାବଳୀର ନିୟମ 107 ଅନୁଯାୟୀ ପ୍ରକ୍ରିୟାକୁ ଅନୁପାଳନ କରିବା ପରେ ଉକ୍ତ ସମ୍ପତ୍ତିକୁ ପୁନର୍ବାର ବିକ୍ରି କରାଯିବ । କୌଣସି ଖର୍ଚ୍ଚ ନାହିଁ ।

ଏସ୍. କେ. ଏସ୍. ଅପିଲକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ